# ନ୍ୟାସନାଲ ମହାବିଦ୍ୟାଳୟରେ ବିଶ୍ୱ ଏଡସ୍ ଦିବସ ପାଳିତ




ନୂଆପଡା (ମାନିସ) : ନୂଆପଡା ଜିଲ୍ଲା ନ୍ୟାସନାଲ ମହାବିଦ୍ୟାଳୟ ପରିସରରେ ଯୁବରେଡକ୍ରସ,ରେଡ ରିବନ କ୍ଲବ ଓ ଜାତୀୟ ସେବା ଯୋଜନାର ମିଳିତ ଆନୁକୁଲ୍ୟରେ ବିଶ୍ୱ ଏଡସ୍ ଦିବସ ପାଳିତ ହୋଇଯାଇଛି । ଜିଲ୍ଲା ଯୁବରେଡକ୍ରସ ତଥା ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର କବିତା ରଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବରିଷ୍ଠ ଚିକିତ୍ସାଧିକାରୀ ଡାକ୍ତର ଲଳିତ ମୋହନ ବିଶି ମୁଖ୍ୟ ଅତିଥି, ଜାତୀୟ ସେବା ଯୋଜନା ଅଧିକାରୀ ଶୁକଦେବ ଭିଲ, କ୍ରିଡା ଶିକ୍ଷକ ପ୍ରକାଶ କୁମାର ସାହୁ ପ୍ରମୁଖ ସମ୍ମାନୀତ ଅତିଥି ଭାବରେ ମଂଚାସୀନ ଥିଲେ । ଡାକ୍ତର ବିଶି ଏଡସ୍ ର କାରଣ, ନିରାକରଣ ଓ ଚିକିତ୍ସା ସମ୍ପର୍କରେ ଆଲୋଚନା କରିଥିଲେ । ସଚେତନତା ହିଁ ଏହାର ଏକମାତ୍ର ପନ୍ଥା ବୋଲି ଅତିଥି ମାନେ ତାଙ୍କ ବକ୍ତବ୍ୟ ମାଧ୍ୟମରେ ଆଲୋଚନା କରିଥିଲେ । ଯୁବରେଡକ୍ରସ ଜିଲ୍ଲା ଆବାହକ ସଂପାଦକ ଶିବ ପ୍ରସାଦ ସା ଏଡସ୍ ବିଷୟରେ ସମ୍ପୂର୍ଣ୍ଣ ଗୋପନୀୟ ପରାମର୍ଶ ତଥା ଜ୍ଞାନ ଆହରଣ ପାଇଁ ଟୋଲଫ୍ରି ନମ୍ବର ୧୦୯୭କୁ ବ୍ୟବହାର କରିବା ପାଇଁ ସ୍ୱେଚ୍ଛାସେବୀ ମାନଙ୍କୁ ସୂଚନା ପ୍ରଦାନ ସହ କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ । ଏହି ଅବସରରେ ଆୟୋଜିତ ପ୍ରବନ୍ଧ ପ୍ରତିଯୋଗତାରେ କନକରାମ ମାଝୀ ପ୍ରଥମ, ଗୀତାଞ୍ଜଳୀ ସାହୁ ଦ୍ୱିତୀୟ ଓ ତରୁଣ ପାଣ୍ଡେ ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ବକ୍ତୃତା ପ୍ରତିଯୋଗୀତାରେ ରାଣୀ ମୋଙ୍ଗରୀ ପ୍ରଥମ, ମୁକେଶ ଯାଦବ ଦ୍ୱିତୀୟ ଓ ଉମା କୁମାରୀ ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ । ସେହିପରି କୁଇଜ ପ୍ରତିଯୋଗୀତାରେ ସଂଜୟ କୁମାର ଅହିର ପ୍ରଥମ, ଦିନେଶ କୁମାର ସାହୁ ଦ୍ୱିତୀୟ, ଓ ରୁପେଶ ଅହିର ତୃତୀୟ ସ୍ଥାନ ଅଧିକାର କରିଥିଲେ । ମହାବିଦ୍ୟାଳୟ ରେଡରିବନ କ୍ଲବ ଅଧିକାରୀ ସଚିନ କୁମାର ବାବୁ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଜାତୀୟ ସେବା ଯୋଜନା ଅଧିକାରୀ ଗୋପୀଗୋପାଳ ସୁନା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।